## ଚୋରି ବାଇକ୍ ପୋଖରୀରୁ ଉଦ୍ଧାର

ଢେଙ୍କାନାଳ (ରତନ ନାୟାର): ଢେଙ୍କାନାଳ ସହରସ୍ଥିତ ମୀନାବଜାର ଅଞ୍ଚଳରୁ ୩ ଦିନ ତଳେ ଚୋରି ହୋଇଥିବା ଓଆର.୦୬-ଏଚ୍-୮୪୮୦ନମ୍ବର କଳା ରଙ୍ଗର ବାଇକ୍‌କୁ ଗୁରୁବାର ସିମିଳିଆ ପୋଖରୀରୁ ଉଦ୍ଧାର କରାଯାଇଛି । ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥା ଦଳ ପୋଖରୀରୁ ବାଇକଟିକୁ ଉଦ୍ଧାର କରି ପୋଲିସ ଜିମାରେ ଦେଇଥିଲେ । ପୋଲିସ ବାଇକଟିକୁ ମାଲିକ ସୁମନ୍ତ ସାହୁଙ୍କୁ ହସ୍ତାନ୍ତର କରିଥିବା ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ସୂଚନାରୁ ଜଣାପଡିଛି ।

# ରାଜନୀତିରେ ଆକ୍ରୋଶମୂଳକ କାର୍ଯ୍ୟକୁ ବରଦାସ୍ତ କରାଯିବନି

### ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ

ଢେଙ୍କାନାଳ,୨୬।୧୨(ରତନ ନାୟାର)



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

ଢେଙ୍କାନାଳ ଆରଟିଓ ଅଫିସ ନିକଟସ୍ଥ ଅଡିଟୋରିୟମରେ ଗୁରୁବାର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ ଯେ, ପରିବର୍ତ୍ତନ ନାରା ସତ୍ତ୍ୱେ ଆମେ ୫୧ ଆସନ ପାଇଛୁ । ବିଜେଡିର ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ଥିବା ସମୟରେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତା'ର ଛାପ ରହିଛି । ପରିବର୍ତ୍ତନ ଯୋଗୁ ଓଡିଶାର ବିକାଶ ବାଧାପ୍ରାପ୍ତ ହୋଇଛି । ସମୟ ଖରାପ ଆସିନି । ଆମେ ନିଜେ ନିଜେ ଆମ ସମୟକୁ ଖରାପ କରିଛେ । ରାଜନୀତି ଏକ ଭିନ୍ନ ପଶାଖେଳ । ଘର ଭାଙ୍ଗିବା, ଦଳ ଭାଙ୍ଗିବା ଭଳି କାର୍ଯ୍ୟ କରି ଆଜି କିଛିଲୋକ ରାଜନୀତି କରୁଛନ୍ତି। କାହାକୁ ଜେଲ ପଠାଇବା, କାହାର ବିଲ ନ କରିବା ଏହା ଠିକ ନୁହେଁ । ରାଜନୀତିରେ ଆକ୍ରୋଶମୂଳକ କାର୍ଯ୍ୟକୁ ବରଦାସ୍ତ କରାଯିବନି । ବର୍ତ୍ତମାନ ସରକାରଙ୍କ ସମୟରେ ଦରଦାମ ବୃଦ୍ଧି ସୀମା ଟପିଯାଇଛି। ଆସନ୍ତା ୬ ତାରିଖରେ ଦରଦାମ ବୃଦ୍ଧି ପ୍ରତିବାଦରେ ସମଗ୍ର ଓଡିଶାରେ ବିଜେଡି ପକ୍ଷରୁ ବିକ୍ଷୋଭ ହେବ । କିଛିଲୋକ ଭାବିଥିଲେ ନିର୍ବାଚନରେ ଦଳର ପରାଜୟ ପରେ ନବୀନ ପଟ୍ଟନାୟକ ଦିଲ୍ଲୀ ପଳାଇବେ । କିନ୍ତୁ ସେ ଜୀବନର ଶେଷ ବିନ୍ଦୁ ପର୍ଯ୍ୟନ୍ତ ଓଡିଶାରେ ରହି ଲୋକଙ୍କ ସେବା କରିବି ବୋଲି କହିଛନ୍ତି । ଏବେ ଦେଖାଯାଇଛି ତାଙ୍କପ୍ରତି ଜନ ସମର୍ଥନ ବଢିବାରେ ଲାଗିଛି । ଆଞ୍ଚଳିକ ଦଳ ସହଜରେ ଭାଙ୍ଗିବନି । ୨୦୨୭ ପୂର୍ବରୁ ବହୁତ କିଛି ପରିବର୍ତ୍ତନ ହେବ, ଅପେକ୍ଷା କରନ୍ତୁ ବୋଲି ପୂର୍ବତନ ବିଧାୟକ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ବିଜେଡି ଆଇନସେଲ ସଭାପତି ଗୋପାଳ ପାତ୍ର, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ସମେତ ସୁକାନ୍ତ ମିଶ୍ର, ଶୁଭଲକ୍ଷ୍ମୀ ସାହୁ, ନବକିଶୋର ସାମଲ, ଲିପିକା ଦାସ, ଅଶୋକ ପରିଡା, ବିଶ୍ୱନାଥ ଚିନାରା, ଜେଶସ ସାହୁ, ପ୍ରଦୀପ କୁମାର ରାଉତ, ବିଶ୍ୱନାଥ ଜେନା, ବିଭୁ ପ୍ରସାଦ ଦେହୁରୀ, ସାଗିର ମହମ୍ମଦ ପ୍ରମୁଖ ଉଦବୋଧନ ଦେଇ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ କରିବାକୁ ଆହ୍ୱାନ ଦେବା ସହିତ ସମସ୍ତେ ଏକାଠି ହୋଇ ରହିବା ପାଇଁ ସଂକଳ୍ପ ନେବା ନିମନ୍ତେ ଆହ୍ୱାନ ଦେଇଥିଲେ। ନଗର ବିଜେଡି ସଭାପତି ବିନୋଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । କୃଷକ ସଂଗଠନର ସଭାପତି ନରୋତମ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ସାଂଗଠନିକ କର୍ମକର୍ତ୍ତା, ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, କାଉନସିଲରମାନେ ଯୋଗଦାନ କରିଥିଲେ ।

# ବିହନ ନ ମିଳିବାରୁ ଜମି ପଡ଼ିଆ, ଚାଷୀ ହତାଶ

ପରଜଙ୍ଗ,୨୬।୧୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ କୃଷି କାର୍ଯ୍ୟାଳୟରେ ସରକାରୀ ବିହନ ମିଳୁ ନ ଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି। ସୂଚନାଯୋଗ୍ୟ, ଖରିଫ୍ ଋତୁରେ ୫୦ହେକ୍ଟର ଚାଷ ପାଇଁ ୧୦ କୁଇଣ୍ଟାଲ ବିରି ପ୍ରତି ଚାଷୀଙ୍କୁ ହେକ୍ଟର ପିଛା ୨୦ କିଲୋ ବିରିକୁ ୩୪୫୦ ଟଙ୍କାରେ ଦିଆଯାଇଛି। ପରବର୍ତ୍ତୀ ସମୟରେ ଚାଷୀ ଏହି ଟଙ୍କାକୁ ସବ୍‌ସିଡି ଭାବେ ବ୍ୟାଙ୍କ ଆକାଉଣ୍ଟରେ ଫେରି ପାଇବେ। ସେହିପରି ରାଶି ବିହନ ୨୫୦ ଏକର ଚାଷ ପାଇଁ ୨୫୦ କିଲୋ ଆସିଥିବାବେଳେ ଏକର ପିଛା ଚାଷୀଙ୍କୁ ୧କିଲୋ ରାଶି ମାଗଣା ବଣ୍ଟନ ହୋଇଥିଲା । ଯାହାକି ସମୁଦ୍ରକୁ ଶଙ୍ଖେ ପରି ଚାଷୀଙ୍କୁ ପ୍ରଦାନ କରାଯାଇଛି । ବର୍ତ୍ତମାନ ରବି ଋତୁରେ ବିହନ ବଣ୍ଟନ ସମୟ ବିତି ଯାଇଥିଲେ ସୁଦ୍ଧା ବିରି ବିହନ ଆସିନାହିଁ । ସୋରିଷ ୫୦ ହେକ୍ଟର ଚାଷ ପାଇଁ ୩୭୫ କେଜି ଆସିଥିବାବେଳେ ଚାଷୀଙ୍କୁ ହେକ୍ଟର ପିଛା ୭.୫ କିଲୋ ସୋରିଷକୁ ୨୧୫୦ ଟଙ୍କାରେ ଦିଆଯାଉଛି। ମୁଗ ବିହନ ୮ଶହ ହେକ୍ଟର ଏବଂ ବାଦାମ ବିହନ ୫୦ ହେକ୍ଟର ଚାଷ ପାଇଁ ବିହନ ଆସିଥିଲେ ସୁଦ୍ଧା ତା'ର ମୂଲ୍ୟ ସ୍ଥିର ହୋଇ ନ ଥିବା ଯୋଗୁ ଏପର୍ଯ୍ୟନ୍ତ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇ ପାରିନାହିଁ । ବିଲରୁ ଧାନ କଟା ସରିଗଲାଣି, ଏତେ ବେଳକୁ ବିରି, ମୁଗ ଆଦି ଗଛ ହେବାକଥା କିନ୍ତୁ ବିହନ ମିଳୁ ନ ଥିବାରୁ ଚାଷୀ ବିହନକୁ ଅପେକ୍ଷା କରି ହତାଶ ହେବାକୁ ପଡ଼ିଛି । ଏହି ବିଷୟର ପରଜଙ୍ଗ ସହକାରୀ କୃଷି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କୁ ପଚାରିବାରୁ ବର୍ତ୍ତମାନ ସୋରିଷ ବିକ୍ରି ଚାଲିଥିବାବେଳେ ମୁଗ ଏବଂ ଚିନାବାଦାମ ବିହନର ମୂଲ୍ୟ ନିର୍ଦ୍ଧାରଣ ହୋଇ ନ ଥିବାରୁ ତାହା ଚାଷୀଙ୍କୁ ବଣ୍ଟନ ହୋଇପାରିନାହିଁ । ବର୍ତ୍ତମାନ ସୁଦ୍ଧା ବିରି ବିହନ କାର୍ଯ୍ୟାଳୟକୁ ଆସି ନ ଥିବା ସୂଚନା ଦେଇଛନ୍ତି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଚାଷୀମାନେ ନିବେଦନ କରିଛନ୍ତି ।

# ପୂର୍ବତନ କୁସ୍ତି ଖେଳାଳିଙ୍କ ବୈଠକ



ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ପୂର୍ବତନ କୁସ୍ତି ଖେଳାଳିମାନଙ୍କର ସ୍ଥାନୀୟ ମମତା ମଣ୍ଡପଠାରେ ସ୍ୱପ୍ନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ବୁଧବାର ଏକ ବୈଠକ ଅନୁଷିତ ହୋଇଯାଇଛି । ବୈଠକରେ ହିମାଂଶୁ ଦାସ, ବିଦ୍ୟାସାଗର ବେହେରା, ପର୍ଶୁରାମ ପ୍ରଧାନ, ପ୍ରଭାତ ସାହୁ, ବାଦଲ ବେହେରା, ସାଗର ପ୍ରଧାନ, ବାଦଲ ବେହେରା, ଦୀପକ ବେହେରା, ଆର୍ଯ୍ୟ ପଟ୍ଟନାୟକ ପ୍ରମୁଖ ପୂର୍ବତନ କୁସ୍ତି ଖେଳାଳି ଯୋଗ ଦେଇଥିଲେ । ଏହି ବୈଠକରେ ଢେଙ୍କାନାଳ କୁସ୍ତି ସଂଘର ଅପାରଗତା ବିଷୟରେ ଆଲୋଚନା ହୋଇଥିଲା । ବର୍ତ୍ତମାନ ଇନ୍‌ଡୋର ଷ୍ଟାଡିୟମ୍ ଖାଲି ପଡିଥିବାବେଳେ ସେଠାରେ ପିଲାମାନେ ଖେଳୁନାହାଁନ୍ତି । ଜିଲା ସଂଘ ପିଲାମାନଙ୍କ ପାଇଁ କିଛି ପ୍ରତିଯୋଗିତାର ଆୟୋଜନ କରୁନଥିବାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ପିଲାମାନେ ନିଜ ହାତରୁ ଖର୍ଚ୍ଚ କରିଯାଉଛନ୍ତି । ଏହି ସମ୍ପର୍କରେ ଜିଲା କୁସ୍ତି ସଂଘ ସଂପାଦକଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ତାଙ୍କଠାରୁ କୌଣସି ଆସାନୁରୂପ ମନ୍ତବ୍ୟ ମିଳିପାରିଲା ନାହିଁ ତେଣୁ ପୂର୍ବତନ କୁସ୍ତି ଖେଳାଳି ଏହି ବିଷୟରେ ଆଲୋଚନା କରି ସଂଘକୁ ନୂତନ ଭାବେ ପରିଚାଳନା କରିବା ନିମନ୍ତେ ଅତିରିକ୍ତ ଜିଲାପାଳ ଓ ଜିଲା କ୍ରୀଡା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସଂଘ ଆଗକୁ ତାର କାର୍ଯ୍ୟପନ୍ଥା ଠିକ୍ ଭାବେ ତୁଲାଇ ପାରିବ ତାହା ସବିଶେଷ ଆଲୋଚନା କରାଯାଇଥିଲା । ସଂଘର ନୂତନ ଭାବେ କର୍ମକର୍ତ୍ତା ଚୟନ କରାଗଲେ ଆଗକୁ ଖେଳାଳିଙ୍କ ତଥା ଜିଲାର ଉନ୍ନତି ହେବ ବୋଲି ପୂର୍ବତନ କୁସ୍ତି ଖେଳାଳିମାନେ ଆଲୋଚନା କରିଥିଲେ ।

# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ




ପରଜଙ୍ଗ, ୨୬।୧୨(ନିଗମାନନ୍ଦ ଦଳବେହେରା)

ପରଜଙ୍ଗଠାରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିଷ୍ଠା ଦିବସ ପୂର୍ବତନ ବିଧାୟକଙ୍କ ଡିହଡୋଳ ସ୍ଥିତ ବାସଗୃହଠାରେ ଆୟୋଜିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ଢେଙ୍କାନାଳ ଜିଲା ବିଜେଡି ସଭାପତି ନୃସିଂହ ଚରଣ ସାହୁ ଯୋଗଦେଇ କେଉଁଭଳି ଭାବରେ ବିଜୁ ଜନତା ଦଳର ସଂଗଠନ ଆହୁରି ଆଗକୁ ବେଶୀ ସଂଗଠିତ ହୋଇରହିବ ସେ ନେଇ କର୍ମକର୍ତ୍ତାମାନଙ୍କୁ ଜଣାଇବା ସହ ସମସ୍ତେ ଏକାଠି ରହି ଜନସାଧାରଣଙ୍କ ସେବା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରତିଷ୍ଠା ଦିବସରେ ଢେଙ୍କାନାଳ ଜିଲା ପରିଷଦର ଉପାଧ୍ୟକ୍ଷା ବିଳାସିନୀ ସେଠି, ପରଜଙ୍ଗ ବ୍ଲକ ଜୋନ ୨ର ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଯୁବ ବିଜେଡ଼ି ସଭାପତି ସୁବ୍ରତ କୁମାର ଦାସ, ଛାତ୍ର ବିଜେଡ଼ି ସଭାପତି ପ୍ରିୟଜିତ ସାମଲ ଏବଂ ସମସ୍ତ ପଞ୍ଚାୟତରୁ ଛାମୁଆ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଥିଲେ ।

# ଧର୍ମପରାୟଣ ବ୍ୟକ୍ତି ଗିରିଧାରୀ ସାହୁଙ୍କ ସ୍ମୃତିସଭା

ଢେଙ୍କାନାଳ,୨୬।୧୨(ରତନ ନାୟାର)



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଝରଦା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ସଂକୀର୍ତ୍ତନ ମଣ୍ଡଳୀର ପୂର୍ବତନ ମୁଖ୍ୟ ସ୍ୱର୍ଗତ ଗିରିଧାରୀ ସାହୁଙ୍କ ଏକଦଶାହରେ ସୋମବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଗଁଦିଆ ସ୍ମୃତି ସଂସଦର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ଅନୁ ନିରୀକ୍ଷକ ଦଣ୍ଡଧର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ବିଶିଷ୍ଟ ଅତିଥି ଭାବେ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ପୁରୁଳି ସମାଜର ସମ୍ପାଦକ ସନ୍ତୋଷ କୁମାର ସାହୁ, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ଗଁଦିଆ ସ୍ମୃତି ସଂସଦ ସମ୍ପାଦକ ତାପସ କୁମାର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ରାଉତ, ଡମ୍ବରୁଧର ସେଠି, ମଙ୍ଗଳୁ ଚରଣ ବିଶ୍ୱାଳ, ସଦସ୍ୟ ରମେଶଚନ୍ଦ୍ର ଧୀର, ଗଁଦିଆ ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ଗଁଦିଆ ଲେଖକ ସଂସଦ ସଭାପତି ବୁଦ୍ଧଦେବ ପ୍ରଧାନ, ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ ସାହୁ, ଶିକ୍ଷକ ଗଗନ ବିହାରୀ ପଣ୍ଡା, ମନୋଜ ମଞ୍ଜରୀ ଲେଙ୍କା, ନିହାରବାଳା ରାଉତ, ଦିପ୍ତିମୟୀ ଲେଙ୍କା, ସମାଜସେବୀ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗିରିଧାରୀ ସାହୁଙ୍କ ସ୍ମୃତିଚାରଣ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକ ଉତ୍ସବ

### ନିଜ ସନ୍ତାନକୁ ଶିବାଜୀଙ୍କ ଭଳି ଗଢିଲେ ରାଷ୍ଟ୍ର ସମୃଦ୍ଧ ହେବ

ଢେଙ୍କାନାଳ,୨୬।୧୨(ରତନ ନାୟାର)




ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ ଯେ, ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ଏହାଏକ ଆନନ୍ଦର ମୁହୂର୍ତ୍ତ । ସରସ୍ୱତୀ ବିଦ୍ୟା ମନ୍ଦିର ଯେଉଁ ବିଚାରଧାରାରେ ସୃଷ୍ଟି ହୋଇଛି, ଆଜି ଏହା ସମଗ୍ର ବିଶ୍ୱରେ ଏକ ଆନ୍ଦୋଳନରେ ପରିଣତ ହୋଇଛି । ମାତୃ ଶକ୍ତିଙ୍କର ଯୁଗେଯୁଗେ ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତୃଶକ୍ତିମାନେ ନିଜ ସନ୍ତାନକୁ ଶିବାଜୀଙ୍କ ଭଳି ଗଢ଼ି ତୋଳିଲେ ରାଷ୍ଟ୍ର ବିକାଶ ହେବ ଓ ରାଷ୍ଟ୍ର ସମୃଦ୍ଧ ହେବ ବୋଲି ଏମ୍‌ପି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର ସହପ୍ରାନ୍ତ କାର୍ଯ୍ୟବାହ ରବି ନାରାୟଣ ପଣ୍ଡା କହିଲେ ଯେ, ପିଲାଙ୍କୁ ଭାରତୀୟ ଭାବେ ଗଢି ତୋଳିବା ପାଇଁ ଶିଶୁ ମନ୍ଦିର ହିଁ ଚିନ୍ତା କରିଥାଏ । ଭାରତବର୍ଷକୁ ବଞ୍ଚାଇବା ପାଇଁ ସୋସିଆଲ ଇଞ୍ଜିନିୟରଙ୍କର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଉତ୍ସବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଗଗନ ବିହାରୀ ନାୟକ ବିବରଣୀ ପାଠ କରିଥିଲେ । ସଭାପତି ବାବୁଚାନ୍ଦ ମହାଳିକ ସଭାପତିତ୍ୱ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିଳ୍ପୀ ପରେଶ ପଟ୍ଟନାୟକ, ସଙ୍ଗୀତ ସଂଯୋଜକ ହିମାଂଶୁ ଶେଖର ବ୍ରହ୍ମ, ନୃତ୍ୟଗୁରୁ ଶୁଭ୍ରା ଶୁଭରଞ୍ଜନା, ପୂର୍ବତନ ସହ ପ୍ରଧାନ ଆଚାର୍ଯ୍ୟ କନକଲତା ପ୍ରଧାନ, ବରିଷ୍ଠ ଆଚାର୍ଯ୍ୟ ପ୍ରତିଭା ଦାସ ଓ ବରିଷ୍ଠ ଗୁରୁଜୀ ବସନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭାଜପା ପକ୍ଷରୁ ବୀର୍ ବାଲ୍ ଦିବସ ପାଳିତ



ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ଗୁରୁବାର ବୀର୍ ବାଲ୍ ଦିବସ ପାଳିତ ହୋଇଯାଇଛି । ଜିଲ ଭାଜପା କାର୍ଯ୍ୟାଳୟରେ ଜିଲା ଉପସଭାପତି ମାତୃ ପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ ଅବସରରେ ଦଶମ ଶିଖ୍ ଗୁରୁ ଗୋବିନ୍ଦ ସିଂଙ୍କ ନାବାଳକ ପୁତ୍ର ସାହିବ୍‌ଜାଦୋ ଜୋରୱାର୍ ସିଂ ଓ ସାହିବ୍‌ଜାଦୋ ଫତେ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତତ୍‌ସଙ୍ଗେ ସଙ୍ଗେ ବାଲ୍ ବୀର୍ ଜୋରୱାର ସିଂ ଓ ଫତେ ସିଂଙ୍କ ଦେଶ, ଜାତି ଓ ଧର୍ମ ପ୍ରତି ତ୍ୟାଗ ଓ ବଳିଦାନ ଉପରେ ବିସ୍ତୃତ ଭାବେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂପାଦକ ଅବନୀକାନ୍ତ ପଟ୍ଟନାୟକ, ଜିଲା କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରଞ୍ଜନ ଭୂୟାଁ, ଢେଙ୍କାନାଳ ନଗର ମଣ୍ଡଳ ସଭାପତି ଧୃବଚରଣ ସ୍ୱାଇଁ, ଓଡାପଡା ମଣ୍ଡଳ ସଭାପତି ମନୋଜ କୁମାର ମହାରଣା, ଉପସଭାପତି ସୁଲେଖ ସ୍ୱାଇଁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତପନ କୁମାର ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଂପାଦକ ଅଭିଷେକ୍ ବେହେରା, ସନ୍ତୋଷ ବେହେରା, ସୁବ୍ରତ ମୁଦୁଲି, ଦେବାଶିଷ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଘ୍ନେଶ୍ୱର ଦୋରା, ଉତ୍ତମ କୁମାର ଦାସ, ସତ୍ୟନାରାୟଣ ସାହୁ, ବିକଳ ବେହେରା, ବିପ୍ଳବ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସାଇ ସତସଙ୍ଗ ଟ୍ରଷ୍ଟ ପକ୍ଷରୁ ମହିଳା ରକ୍ତଦାନ ଶିବିର



ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ସତସଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଏକ ମହିଳା ରକ୍ତଦାନ ଶିବିର ଗୁରୁବାର ବାଣିଜ୍ୟ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ ଏବଂ ଟ୍ରଷ୍ଟର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶିବିରରେ ୫୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସାଇ ସେବା ଟ୍ରଷ୍ଟର ମହିଳା ସଭାପତି ଗୀତାଞ୍ଜଳି ମହାପାତ୍ର, ସମ୍ପାଦିକା ଶାନ୍ତିଲତା ବେହେରା ଓ ଟ୍ରଷ୍ଟର ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ । ରକ୍ତଭଣ୍ଡାର ଟେକ୍‌ନିସିଆନ ଅଜୟ କୁମାର ସ୍ୱାଇଁ, ତପନ ଜେନା, ରୋହିତ ଦାସ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

# ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳିତ



ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ଚନ୍ଦନ ବଜାରଠାରେ ଥିବା ବାପ୍‌ଟିଷ୍ଟ ଚର୍ଚ୍ଚ ଠାରେ ବୁଧବାର ବଡ଼ଦିନ ଅବସରରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି । ସହର ମଧ୍ୟରେ ଥିବା ଖ୍ରୀଷ୍ଟିୟାନ୍ ଭାଇଭଉଣୀମାନେ ପବିତ୍ର ବଡଦିନ ଅବସରରେ ଏକତ୍ରିତ ହୋଇ ବାପ୍‌ଟିଷ୍ଟ ଚର୍ଚ୍ଚଠାରେ ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କର ଉପାସନା କରିଥିଲେ। ଚର୍ଚ୍ଚର ଅଙ୍ଗ ସଣ୍ଡେସ୍କୁଲ୍, ଉଦ୍‌ଯୋଗ ସମିତି, ମହିଳା ସମିତି ପକ୍ଷରୁ ସୁନ୍ଦର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ଏହି ବିଶେଷ ଉପସ୍ଥାପନାରେ ଆଚାର୍ଯ୍ୟ ବିହୀତ କୁମାର ପରିଛା ସୁଦୂର ଗଜପତିରୁ ଆସି ବଡ଼ଦିନର ତାତ୍ପର୍ଯ୍ୟ ଯୀଶୁଙ୍କ ଜନ୍ମର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟରେ ଚର୍ଚ୍ଚ ପାଷ୍ଟର ଆଶିଷ କୁମାର ଗାନ୍ଧୀ, କୋର୍ କମିଟିର ମୁଖ୍ୟ ପ୍ରେମାନନ୍ଦ ବିହାରୀ, ସୁଶାନ୍ତ କୁମାର ବେହେରା, ଅମରେନ୍ଦ୍ର ନାୟକ, ଅଭୟାନନ୍ଦ ବିହାରୀ, କଳ୍ପନା ମହାନ୍ତି, ଡାନିଏଲ୍ ମୋଜେସ୍ ଚର୍ଚ୍ଚରେ ସଂପାଦନ ହୋଇଥିବା ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

# ହିନ୍ଦୋଳରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ସାତମାଇଲ, ୨୬।୧୨ (ସୁଶାନ୍ତ ପତି)

ହିନ୍ଦୋଳ ନିର୍ବାଚନ ମଣ୍ଡଳି ସାତମାଇଲସ୍ଥିତ ହାଟପଡିଆଠାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପୂର୍ବତନ ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ଓଡାପଡା ବ୍ଲକ ସଭାପତି ଚିତ୍ତରଞ୍ଜନ ନାଟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୋଳ ସଭ୍ୟସଂଗ୍ରହ କୋର୍ଡିନେଟର ସଂଯୁକ୍ତା ବେହେରା, ଜିଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ ଓ ମମାତାଞ୍ଜଳି ବେହେରା, ଓଡାପଡା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ଏନ୍‌ଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଢେଙ୍କାନାଳ ଜିଲା ବିଜେଡି ସଂପାଦକ ପ୍ରଦ୍ୟୁମ୍ନ ବେହେରା, ଜିଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗଦେଇଥିଲେ।

# ଭୁବନକୁ ହରାଇ ମୁନ୍ଧାଇ ସେମିରେ




ଭୁବନ, ୨୬।୧୨ (ବିପିନ ବିହାରୀ ସେଠୀ)

### ୩୩ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ

ଢେଙ୍କାନାଳ ଜିଲା ଭୁବନ ଖେଳପଡ଼ିଆଠାରେ ଚାଲିଥିବା ୩୩ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଆୟୋଜକ ଭୁବନ ଦଳ ଓ କର୍ନାଟକ ଗୁଲାର କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିଣି ଭୁବନ ଦଳ ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ କର୍ନାଟକ ଦଳ ନିର୍ଦ୍ଧାରିତ ୨୫ ଓଭର ବ୍ୟାଟିଂ କରି ୧୦ ୱିକେଟ ହରାଇ ୧୭୫ରନ ସଂଗ୍ରହ କରିଥିଲେ। ଦଳପକ୍ଷରୁ ରୁଦ୍ରାଡ଼ି ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ। ଦଳର ଖେଳାଳି କାଲିସ ୫ ଓଭର ବୋଲିଂ କରି ୧୫ ରନ୍ ବ୍ୟୟରେ ୩ଟି ୱିକେଟ ନେଇ ଦଳକୁ ସେମିଫାଇନାଲରେ ପହଞ୍ଚାଇବା ସହିତ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଜବାବରେ ଭୁବନ କ୍ରିକେଟ ଦଳ ୨୨.୦୪ ଓଭର ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୨୯ରନ ସଂଗ୍ରହ କରି ପରାଜୟ ହୋଇଥିଲେ। ଦଳ ପକ୍ଷରୁ ଲକ୍ଷ୍ମୀଧର ସାହୁ ସର୍ବାଧିକ ୩୫ ରନ ସଂଗ୍ରହ କରିଥିଲେ। ଖେଳକୁ ସବ୍ୟସାଚୀ ସାହା ଓ ଜ୍ୟୋତିପ୍ରକାଶ ମଲ୍ଲିକ ପରିଚାଳନା କରିଥିବା ବେଳେ ସୂର୍ଯ୍ୟ ପ୍ରକାଶ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ସଞ୍ଜିବ କୁମାର ନାୟକ ଓ ରାକେଶ ପୃଷ୍ଟି ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଭୁବନ କଲେଜ ଅଧ୍ୟକ୍ଷ ଅଜିତ ବେହେରା, ପୂର୍ବତନ ଉପ ନଗରପାଳ ମାୟାଧର ସାହୁ ଓ ସଞ୍ଜୟ କୁମାର ଦାସ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ।

